ଶ୍ରୀଯୁକ୍ତ ସନ୍ତୋଷ କୁମାର ବର୍ମା ଏବଂ ଅନ୍ୟମାନେ

ବନାମ

ସଚିବ, ସହରାଞ୍ଚଳ ଉନ୍ନୟନ ବିଭାଗ,

ବିହାର ସରକାର, ନୂତନ ସଚିବାଳୟ,

ପାଟନା ଏବଂ ଅନ୍ୟମାନେ ଜରିଆରେ ବିହାର ରାଜ୍ୟ

ଜାନୁଆରୀ 17, 1997

[କେ. ରାମସ୍ୱାମୀ ଏବଂ ଏସ. ସାଘିର ଅହମ୍ମଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ବିହାର ଆଞ୍ଚଳିକ ଉନ୍ନୟନ ପ୍ରାଧିକରଣ ଅଧିନିୟମ, 1981*

*ଧାରା 6(3)- ଅସ୍ଥାୟୀ ଭାବେ ନିଯୁକ୍ତ ବ୍ୟକ୍ତିମାନଙ୍କର ନିୟମିତକରଣ- ସୀମିତ ଅସ୍ଥାୟୀ କାର୍ଯ୍ୟକାଳ- ଲୋକସେବା ଆୟୋଗଙ୍କ ସହମତି ନେଇ ନିୟମିତକରଣ ପାଇଁ ସରକାରଙ୍କ ପଦକ୍ଷେପ- ଆୟୋଗଙ୍କ ଦ୍ୱାରା ଏହାକୁ ପ୍ରତ୍ୟାଖ୍ୟାନ- କୁହାଗଲା: ଆଇନ ଉଲ୍ଲଙ୍ଘନ ପାଇଁ କୌଣସି ପରମ ଆଦେଶ କିମ୍ବା ନିର୍ଦ୍ଦେଶ ଜାରି କରାଯାଇପାରିଲା ନାହିଁ- ନିୟମାବଳୀ ଉଲ୍ଲଙ୍ଘନ କରି ସେବାଗୁଡ଼ିକର ନିୟମିତକରଣ ପାଇଁ ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ କୌଣସି ପରମ ଆଦେଶ ଜାରି କରିନଥିଲେ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 445/1997

ଏଲ.ପି.ଏ. ସଂଖ୍ୟା 788/95 8597 /1994 ରେ ପାଟନା ଉଚ୍ଚ ନ୍ୟାୟାଳୟର ତା 11.9.96 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଗୋପାଳ ସୁବ୍ରମଣ୍ୟମ, ସନ୍ତୋଷ କୁମାର ଏବଂ ଆର.ଏନ. କେଶୱାନୀ

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ସ୍ୱତନ୍ତ୍ର ଅନୁମତି ଅନୁମତି ଦ୍ୱାରା ଏହି ଆବେଦନ ପାଟନା ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠର ଆଦେଶରୁ ଉତ୍ପନ୍ନ ହୋଇଛି, ଯାହା LPA ସଂଖ୍ୟା 788/95 ରେ 11.9.1996 ରେ କରାଯାଇଥିଲା ।

ସ୍ୱୀକାର୍ଯ୍ୟ ସ୍ଥିତି ହେଉଛି ଯେ ଆବେଦନକାରୀମାନେ ସହକାରୀ ଇଞ୍ଜିନିୟର ଭାବରେ 16 ନଭେମ୍ବର, 1987 ରେ ଦୈନିକ 40 ଟଙ୍କା ମଜୁରୀରେ ନିଯୁକ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ, ସେମାନଙ୍କୁ ପ୍ରତି ମାସରେ 880-1510 ଟଙ୍କାର ବେତନହାରରେ ରଖାଯାଇଥିଲା । ପରୀକ୍ଷା ପରିଚାଳନା ଦ୍ୱାରା ସେମାନଙ୍କୁ ଚୟନ କରାଯାଇଥିଲା ଏବଂ ସେହି ଅନୁଯାୟୀ ନିଯୁକ୍ତି କରାଯାଇଥିଲା । 2ୟ ପ୍ରତିବାଦୀ, ଆଞ୍ଚଳିକ ଉନ୍ନୟନ ପ୍ରାଧିକାରୀଙ୍କ

ଦ୍ୱାରା ସେବାଗୁଡ଼ିକୁ ନିୟମିତ କରିବା ପାଇଁ ପ୍ରୟାସ କରାଯାଇଥିଲା ଏବଂ ଏହି ପ୍ରସ୍ତାବକୁ ସ୍ୱୀକୃତି ପାଇଁ ସରକାରଙ୍କୁ ପଠାଯାଇଥିଲା । ଏହି ପ୍ରସ୍ତାବକୁ ଗ୍ରହଣ କରି ସରକାର ଏହି ପ୍ରସଙ୍ଗକୁ ଲୋକ ସେବା ଆୟୋଗଙ୍କ ନିକଟକୁ ପଠାଇଥିଲେ । ଯେହେତୁ ଲୋକ ସେବା ଆୟୋଗ ସେମାନଙ୍କ ସେବାକୁ ନିୟମିତ କରିବାକୁ ରାଜି ହୋଇନଥିଲେ, ଆବେଦନକାରୀମାନେ ସେମାନଙ୍କ ସେବାକୁ ନିୟମିତ କରିବାକୁ ପ୍ରାଧିକାରୀଙ୍କୁ ଏକ ପରମ ଆଦେଶ ପାଇଁ ନିର୍ଦ୍ଦେଶ ଦେବାକୁ ଉଚ୍ଚ ନ୍ୟାୟାଳୟରେ ରିଟ ଆବେଦନ ଦାଖଲ କରିଥିଲେ । ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ । ସୁତରାଂ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଟି ।

ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଗୋପାଳ ସୁବ୍ରମଣ୍ୟମ ଯୁକ୍ତି ବାଢ଼ିଛନ୍ତି ଯେ ବିହାର ଆଞ୍ଚଳିକ ଉନ୍ନୟନ ପ୍ରାଧିକାରୀ ଅଧିନିୟମ, 1981 (ସଂକ୍ଷେପରେ, 'ଅଧିନିୟମ')ର ଧାରା 6(3) ପ୍ରାଧିକାରୀଙ୍କୁ ସଚିବ ଏବଂ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଯୁକ୍ତ କରିବାର କ୍ଷମତା ପ୍ରଦାନ କରିଥାଏ । ଏହାର ସର୍ତ୍ତାବଳୀ ଅଧୀନରେ ନିଯୁକ୍ତି ପ୍ରାଧିକାରୀଙ୍କ ପାଖରେ କୌଣସି ବ୍ୟକ୍ତିଙ୍କୁ ସର୍ବନିମ୍ନ 500 ଟଙ୍କା ଏବଂ ତଦୁର୍ଦ୍ଧ୍ୱ ଦରମା ଥିବା କୌଣସି ପଦବୀରେ ଛଅ ମାସରୁ ଅଧିକ ହୋଇନଥିବା ସମୟ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ନିଯୁକ୍ତ କରିବାର କ୍ଷମତା ରହିଛି ଏବଂ ଯଦିଓ ଛଅ ମାସ ପାଇଁ, ନିଯୁକ୍ତି ନିୟମିତ ଭିତ୍ତିରେ ହେବ । ନିଯୁକ୍ତି ପଦ୍ଧତି ପାଇଁ ପ୍ରାଧିକାରୀ କୌଣସି ବୈଧାନିକ ନିୟମ ପ୍ରସ୍ତୁତ କରିନାହାଁନ୍ତି । ବିଜ୍ଞାପନରେ ଏହା ଦର୍ଶାଯାଇନଥିଲା ଯେ ଏଗୁଡ଼ିକ ଅସ୍ଥାୟୀ ନିଯୁକ୍ତି ଥିଲା । ତେଣୁ ଆବେଦନକାରୀମାନଙ୍କ ଚାକିରୀରେ ନିୟମିତ ହେବାର ଅଧିକାର ରହିଛି । ଉକ୍ତ ଯୁକ୍ତିରେ ଆମ୍ଭେ କୌଣସି ଦମ୍ଭ ପାଉନାହୁଁ ।

ଏହି ଅଧିନିୟମର ଧାରା 6(3) କେବଳ ପ୍ରାଧିକାରୀଙ୍କୁ ସଚିବ, ଏବଂ ପ୍ରାଧିକାରୀଙ୍କ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଯୁକ୍ତ କରିବାକୁ କ୍ଷମତା ପ୍ରଦାନ କରେ । ଏହି ସର୍ତ୍ତାବଳୀ ଅଧୀନରେ କ୍ଷମତା କେବଳ ଅସ୍ଥାୟୀ ନିଯୁକ୍ତି କରିବା ପାଇଁ ପ୍ରାଧିକାରୀଙ୍କୁ ଦିଆଯାଇଥିବା ଏକ ସାମୟିକ ଅବକାଶ ଶକ୍ତି ଅଟେ ଯାହା ଦ୍ୱାରା ଉନ୍ନୟନ ପ୍ରାଧିକାରୀଙ୍କ କାର୍ଯ୍ୟ ନିଯୁକ୍ତି ହେବା ପର୍ଯ୍ୟନ୍ତ ଚାଲିଥାଏ । ତେଣୁ, ଯେତେବେଳେ ନିଯୁକ୍ତି ପାଇଁ ବିଜ୍ଞାପନ ଦିଆଯାଇଥିଲା, ଏହା ସ୍ପଷ୍ଟତଃ ଏକ ସୀମିତ ଅବଧି ପାଇଁ ସର୍ତ୍ତାବଳୀ ଅଧୀନରେ ପ୍ରଣୀତ କ୍ଷମତାର ଅଗ୍ରଗତି ଥିଲା । ଏହାଦ୍ୱାରା, ଏହି ନିଯୁକ୍ତି ଗୁଡ଼ିକ ସ୍ପଷ୍ଟତଃ କେବଳ ଅସ୍ଥାୟୀ ନିଯୁକ୍ତି । ନିଯୁକ୍ତିର ସୀମିତ ଅସ୍ଥାୟୀ କାର୍ଯ୍ୟକାଳକୁ ହୃଦୟଙ୍ଗମ କରି ଆବେଦନକାରୀମାନେ ନିୟମିତକରଣ ପାଇଁ ସରକାରଙ୍କ ସହାୟତା ଲୋଡିଥିଲେ ଯାହାକୁ ଲୋକ ସେବା ଆୟୋଗ ପ୍ରତ୍ୟାଖ୍ୟାନ କରିଥିଲେ । ଏହା ଦେଖିବାକୁ ମିଳିଛି ଯେ ଏହି ପଦବୀଗୁଡ଼ିକ ଲୋକ ସେବା ଆୟୋଗଙ୍କ ପରିସର ମଧ୍ୟରେ ରହିଛି । ତେଣୁ, ସରକାର ଲୋକ ସେବା ଆୟୋଗଙ୍କ ସହମତି ମାଗିଥିଲେ ଏବଂ

ସେବା ଆୟୋଗ ରାଜି ହୋଇନଥିଲେ ଏବଂ ଆମ୍ଭ ମତରେ ସରକାରଙ୍କ ଦ୍ୱାରା କରାଯାଇଥିବା ଅନୁରୋଧ ସହିତ ସଠିକ୍ ଥିଲେ । ତେଣୁ, ଲୋକ ସେବା ଆୟୋଗଙ୍କ ଦ୍ୱାରା ହେବାକୁ ଥିବା ନିଯୁକ୍ତିର ଲଙ୍ଘନ କରିବା ଯେ କୌଣସି ନିୟମିତକରଣ ଆଇନର ଉଲ୍ଲଂଘନ ଅଟେ । ତେଣୁ ଉଚ୍ଚ ନ୍ୟାୟାଳୟ ନିୟମ ଉଲ୍ଲଂଘନ କରି କରାଯାଇଥିବା ସେବାଗୁଡ଼ିକର ନିୟମିତକରଣ ପାଇଁ କୌଣସି ପରମ ଆଦେଶ ଜାରି କରିନଥିଲେ ଏବଂ ଆଇନର ଉଲ୍ଲଂଘନ ପାଇଁ କୌଣସି ପରମ ଆଦେଶ କିମ୍ବା ନିର୍ଦ୍ଦେଶ ଜାରି କରାଯିବ ନାହିଁ ।

ତଦନୁସାରେ ଆବେଦନକୁ ଖାରଜ କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଜି. ଏନ.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**